ଓଡ଼ିଶା ସରକାର

# ରାଜ୍ୟ ସରକାରଙ୍କ କୃଷି ବିଭାଗ ମାଧ୍ୟମରେ କୃଷି କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ଯୋଜନା ଅନ୍ତର୍ଗତ କୃଷକମାନଙ୍କ ନିମନ୍ତେ ସହାୟତା



କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

## ଜାତୀୟ ଖାଦ୍ୟ ନିରାପତ୍ତା ମିଶନ - ଧାନ

### (ଧାନ ଫସଲ)

ମିଶନ ଅନ୍ତର୍ଭୁକ୍ତ ରାଜ୍ୟର ୮ଗୋଟି ଜିଲ୍ଲା : କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ମାଲକାନଗିରି, ନୂଆପଡ଼ା ଓ ଦେବଗଡ଼

| | କାର୍ଯ୍ୟକ୍ରମ | ସରକାରୀ ସହାୟତା |
|---|---|---|
| ୧ | ପୁଞ୍ଜିକ୍ଷେତ୍ର ପ୍ରଦର୍ଶନ (ସର୍ବନିମ୍ନ ଏକ ପୁଞ୍ଜି -୧୦୦ ହେକ୍ଟର) | |
| (କ) | ଧାଡ଼ିବୁଣା / ଧାଡ଼ିରୁଆ | ହେକ୍ଟର ପ୍ରତି ୭,୫୦୦ ଟଙ୍କା |
| (ଖ) | ଶ୍ରୀ ପଦ୍ଧତି କ୍ଷେତ୍ର ପ୍ରଦର୍ଶନ | ହେକ୍ଟର ପ୍ରତି ୭,୫୦୦ ଟଙ୍କା |
| (ଗ) | ସଙ୍କର ଧାନଚାଷ | ହେକ୍ଟର ପ୍ରତି ୭,୫୦୦ ଟଙ୍କା |
| (ଘ) | ଫସଲ ପର୍ଯ୍ୟାୟ ଭିତ୍ତିକ କ୍ଷେତ୍ର ପ୍ରଦର୍ଶନ | ହେକ୍ଟର ପ୍ରତି ୧୨,୫୦୦ ଟଙ୍କା |
| ୨ | ବିହନ ଯୋଗାଣ | |
| | ଅଧିକ ଅମଳକ୍ଷମ ଧାନ ବିହନ | କ୍ୱିଣ୍ଟାଲ ପ୍ରତି ସର୍ବାଧିକ ୧,୦୦୦ ଟଙ୍କା |
| ୩ | ଫସଲ ଓ ମୃତ୍ତିକା ସଂରକ୍ଷଣ ପରିଚାଳନା | |
| (କ) | ଅଣୁସାର ଯୋଗାଣ | ହେକ୍ଟର ପ୍ରତି ସର୍ବାଧିକ ୫୦୦ ଟଙ୍କା |
| (ଖ) | ତୃଣନାଶକ | ହେକ୍ଟର ପ୍ରତି ସର୍ବାଧିକ ୫୦୦ ଟଙ୍କା |
| (ଗ) | କୀଟନାଶକ ଔଷଧ (ଜୈବ ନିୟନ୍ତ୍ରଣ ପାଇଁ) | ହେକ୍ଟର ପ୍ରତି ସର୍ବାଧିକ ୫୦୦ ଟଙ୍କା |
| ୪ | ସମ୍ବଳ ସଂରକ୍ଷଣ କୌଶଳ / ଯନ୍ତ୍ରପାତି | |
| (କ) | କୋନୋ ଉଇଡର | ସର୍ବାଧିକ ୬୦୦ ଟଙ୍କା |
| (ଖ) | ହସ୍ତଚାଳିତ ସ୍ପ୍ରେୟର | ସର୍ବାଧିକ ୬୦୦ ଟଙ୍କା |
| (ଗ) | ଶକ୍ତିଚାଳିତ ସ୍ପ୍ରେୟର | ସର୍ବାଧିକ ୩,୦୦୦ଟଙ୍କା |
| (ଘ) | ଶକ୍ତିଚାଳିତ ଘାସମରା ଯନ୍ତ୍ର | ସର୍ବାଧିକ ୧୫,୦୦୦ଟଙ୍କା |
| (ଙ) | ଧାନ ଅମଳ ଯନ୍ତ୍ର | ସର୍ବାଧିକ ୧୫,୦୦୦ ଟଙ୍କା |
| (ଚ) | ରୋଟାଭେଟର | ସର୍ବାଧିକ ୩୫,୦୦୦ ଟଙ୍କା |
| (ଛ) | ଧାନରୁଆ ଯନ୍ତ୍ର | ସର୍ବାଧିକ ୪୦,୦୦୦ ଟଙ୍କା |
| ୫ | ପମ୍ପସେଟ୍ ପାଇଁ ପ୍ରୋତ୍ସାହନ | ସର୍ବାଧିକ ୧୦,୦୦୦ ଟଙ୍କା |
| ୬ | ଫସଲ ଧାରା ଆଧାରିତ କୃଷକ ତାଲିମ କାର୍ଯ୍ୟକ୍ରମ | ୪ ଗୋଟି ତାଲିମ ପାଇଁ ୧୪,୦୦୦ ଟଙ୍କା |

ବି.ଦ୍ର.: ଉପରୋକ୍ତ କୃଷି ସାମଗ୍ରୀ / ଯନ୍ତ୍ରପାତି ଗୁଡ଼ିକ ପାଇଁ ରାଜ୍ୟ କୃଷିନୀତି-୨୦୧୩ ଅନୁଯାୟୀ କୃଷକମାନଙ୍କୁ ଅତିରିକ୍ତ ରିହାତି ଯୋଗାଇ ଦିଆଯାଉଅଛି ।

## ଜାତୀୟ ଖାଦ୍ୟ ନିରାପତ୍ତା ମିଶନ - ଡାଲି

### (ଡାଲି ଜାତୀୟ ଫସଲ)

ମିଶନ ଅନ୍ତର୍ଭୁକ୍ତ ଜିଲ୍ଲା : ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲା

| | କାର୍ଯ୍ୟକ୍ରମ | ସରକାରୀ ସହାୟତା |
|---|---|---|
| ୧ | ପ୍ରାମାଣିକ ବିହନ ଯୋଗାଣ | |
| (କ) | ୧୦ ବର୍ଷ ମଧ୍ୟରେ ପ୍ରଚଳିତ ବିହନ କିସମ | କ୍ୱିଣ୍ଟାଲ ପ୍ରତି ସର୍ବାଧିକ ୨,୫୦୦ ଟଙ୍କା |
| ୨ | ପୁଞ୍ଜିକ୍ଷେତ୍ର ପ୍ରଦର୍ଶନ (ସର୍ବନିମ୍ନ ଏକ ପୁଞ୍ଜି ୧୦୦ ହେକ୍ଟର) | |
| (କ) | ମିଶ୍ରିତ / ଅନ୍ତଃଚାଷ | ଏକ ହେକ୍ଟର ପ୍ରଦର୍ଶନ ପାଇଁ ୭,୫୦୦ ଟଙ୍କା |
| (ଖ) | ଫସଲ ପର୍ଯ୍ୟାୟ | ଏକ ହେକ୍ଟର ପ୍ରଦର୍ଶନ ପାଇଁ ୧୨,୫୦୦ ଟଙ୍କା |
| ୩ | ସମନ୍ୱିତ ଖାଦ୍ୟସାର ପରିଚାଳନା | |
| (କ) | ଅଣୁସାର ଯୋଗାଣ | ହେକ୍ଟର ପ୍ରତି ୫୦୦ ଟଙ୍କା |
| (ଖ) | ଜିପ୍‌ସମ୍ | ହେକ୍ଟର ପ୍ରତି ୭୫୦ ଟଙ୍କା |
| (ଗ) | ରାଇଜୋବିୟମ ଓ ପି.ଏସ୍.ବି. ଜୀବାଣୁ ସାର | ହେକ୍ଟର ପ୍ରତି ୩୦୦ ଟଙ୍କା |
| ୪ | ସମନ୍ୱିତ ରୋଗପୋକ ପରିଚାଳନା | |
| (କ) | କୀଟନାଶକ ଔଷଧ ଯୋଗାଣ | ହେକ୍ଟର ପ୍ରତି ୫୦୦ ଟଙ୍କା |
| (ଖ) | ତୃଣନାଶକ ଯୋଗାଣ | ହେକ୍ଟର ପ୍ରତି ୫୦୦ ଟଙ୍କା |

| କାର୍ଯ୍ୟକ୍ରମ | | ସରକାରୀ ସହାୟତା |
|---|---|---|
| ୫ | ସମ୍ବଳ ସଂରକ୍ଷଣ କୌଶଳ / ଯନ୍ତ୍ରପାତି | |
| (କ) | ପାୱାର ସ୍ପ୍ରେୟର | ଯନ୍ତ୍ର ପ୍ରତି ସର୍ବାଧିକ ୩,୦୦୦ ଟଙ୍କା |
| (ଖ) | ରୋଟାଭେଟର୍ | ଯନ୍ତ୍ର ପ୍ରତି ସର୍ବାଧିକ ୩୫,୦୦୦ ଟଙ୍କା |
| (ଗ) | ହସ୍ତଚାଳିତ ସ୍ପ୍ରେୟର | ଯନ୍ତ୍ର ପ୍ରତି ସର୍ବାଧିକ ୬୦୦ ଟଙ୍କା |
| (ଘ) | ଜିରୋଟିଲ୍ ସିଡ ଡ୍ରିଲ୍ | ଯନ୍ତ୍ର ପ୍ରତି ସର୍ବାଧିକ ୧,୫୦୦ ଟଙ୍କା |
| ୬ | ଉନ୍ନତ ଜଳସେଚନ ଯନ୍ତ୍ର | |
| (କ) | ଜଳସିଞ୍ଚନ ଯନ୍ତ୍ର (ସ୍ପ୍ରିଙ୍କଲର୍ ସେଟ୍) ଯୋଗାଣ | ହେକ୍ଟର ପ୍ରତି ସର୍ବାଧିକ ୧୦,୦୦୦ ଟଙ୍କା |
| (ଖ) | ପମ୍ପସେଟ୍ ପାଇଁ ପ୍ରୋତ୍ସାହନ | ଯନ୍ତ୍ର ପ୍ରତି ସର୍ବାଧିକ ୧୦,୦୦୦ ଟଙ୍କା |
| (ଗ) | ଜଳ ପରିବହନ ପାଇଁ ପାଇପ୍ ଯୋଗାଣ | ୮୦୦ ମିଟର ପାଇଁ ସର୍ବାଧିକ ୧୫,୦୦୦ ଟଙ୍କା |
| (ଘ) | ମୋବାଇଲ ରେନଗନ୍ | ଯନ୍ତ୍ର ପ୍ରତି ସର୍ବାଧିକ ୧୫,୦୦୦ ଟଙ୍କା |
| ୭ | ଫସଲ ଧାରା ଆଧାରିତ କୃଷକ ତାଲିମ କାର୍ଯ୍ୟକ୍ରମ | ୪ ଗୋଟି ତାଲିମ ସେସନ୍ ପାଇଁ ୧୪,୦୦୦ ଟଙ୍କା |

ବି.ଦ୍ର.: ଉପରୋକ୍ତ କୃଷି ସାମଗ୍ରୀ / ଯନ୍ତ୍ରପାତି ଗୁଡ଼ିକ ପାଇଁ ରାଜ୍ୟ କୃଷିନୀତି-୨୦୧୩ ଅନୁଯାୟୀ କୃଷକମାନଙ୍କୁ ଅତିରିକ୍ତ ରିହାତି ଯୋଗାଇ ଦିଆଯାଉଅଛି ।

## ଜାତୀୟ ଖାଦ୍ୟ ନିରାପତ୍ତା ମିଶନ - ମକା
### (ମକା ଫସଲ)

ମିଶନ ଅନ୍ତର୍ଭୁକ୍ତ ରାଜ୍ୟର ୬ ଗୋଟି ଜିଲ୍ଲା : କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କେନ୍ଦୁଝର ।

| କାର୍ଯ୍ୟକ୍ରମ | | ସରକାରୀ ସହାୟତା |
|---|---|---|
| ୧ | ଉନ୍ନତ ପ୍ରଣାଳୀରେ ଚାଷ (ମକା) | ଏକ ହେକ୍ଟର ପ୍ରଦର୍ଶନ ପାଇଁ ୫,୦୦୦ ଟଙ୍କା |
| ୨ | ବିହନ ଯୋଗାଣ | |
| (କ) | ଅଧିକ ଅମଳକ୍ଷମ ମକା ବିହନ ଯୋଗାଣ | କ୍ୱିଣ୍ଟାଲ ପ୍ରତି ସର୍ବାଧିକ ୧,୫୦୦ ଟଙ୍କା |
| (ଖ) | ସଙ୍କର ଜାତୀୟ ବିହନ ଯୋଗାଣ | କ୍ୱିଣ୍ଟାଲ ପ୍ରତି ସର୍ବାଧିକ ୫,୦୦୦ ଟଙ୍କା |

## ଜାତୀୟ ଖାଦ୍ୟ ନିରାପତ୍ତା ମିଶନ - ଅର୍ଥକରୀ ଫସଲ (କପା)

ମିଶନ ଅନ୍ତର୍ଭୁକ୍ତ ରାଜ୍ୟର ୧୧ଗୋଟି ଜିଲ୍ଲା : କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୁବର୍ଣ୍ଣପୁର, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ଗଜପତି, ବରଗଡ଼, କନ୍ଧମାଳ ଓ ବୌଦ୍ଧ

| କାର୍ଯ୍ୟକ୍ରମ | | ସରକାରୀ ସହାୟତା |
|---|---|---|
| ୧ | ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ-ଅନ୍ତଃଚାଷ (Inter Cropping) | ଏକ ହେକ୍ଟର କ୍ଷେତ୍ର ପ୍ରଦର୍ଶନ ପାଇଁ ୭,୦୦୦ ଟଙ୍କା |
| ୨ | ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ-ସମନ୍ୱିତ ଫସଲ ପରିଚାଳନା (Integrated Crop Management) | ଏକ ହେକ୍ଟର କ୍ଷେତ୍ର ପ୍ରଦର୍ଶନ ପାଇଁ ୭,୦୦୦ ଟଙ୍କା |
| ୩ | ଅତି ସଘନ ଚାଷ ପ୍ରଣାଳୀ (High Density Planting System) | ଏକ ହେକ୍ଟର କ୍ଷେତ୍ର ପ୍ରଦର୍ଶନ ପାଇଁ ୯,୦୦୦ ଟଙ୍କା |

## ଜାତୀୟ ଖାଦ୍ୟ ନିରାପତ୍ତା ମିଶନ - ଅର୍ଥକରୀ ଫସଲ (ଆଖୁ)

ମିଶନ ଅନ୍ତର୍ଭୁକ୍ତ ରାଜ୍ୟର ୯ଗୋଟି ଜିଲ୍ଲା : କଟକ, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ନୟାଗଡ଼ ଓ ବରଗଡ଼ ।

| କାର୍ଯ୍ୟକ୍ରମ | | ସରକାରୀ ସହାୟତା |
|---|---|---|
| ୧ | ଆଖୁ ଚାଷରେ ଅନ୍ତଃଫସଲ | ହେକ୍ଟର ପ୍ରତି ୮,୦୦୦ ଟଙ୍କା |
| ୨ | ପେଶୀପୋଷଣ ଚାରା ଯୋଗାଣ | ଚାରା ପ୍ରତି ୩ ଟଙ୍କା ୫୦ ପଇସା |

## ବି.ଜି.ଆର.ଇ.ଆଇ. (ପୂର୍ବ ଭାରତରେ ସବୁଜ ବିପ୍ଳବ)

ମିଶନ ଅନ୍ତର୍ଭୁକ୍ତ ରାଜ୍ୟର ୨୨ ଗୋଟି ଜିଲ୍ଲା : ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗିର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ।

| କାର୍ଯ୍ୟକ୍ରମ | | ସରକାରୀ ସହାୟତା |
|---|---|---|
| ୧ | ପୁଞ୍ଜକ୍ଷେତ୍ର ପ୍ରଦର୍ଶନ | |
| (କ) | ଧାଡ଼ିବୁଣା | ହେକ୍ଟର ପ୍ରତି ୭,୫୦୦ ଟଙ୍କା |
| (ଖ) | ଧାଡ଼ିରୁଆ | ହେକ୍ଟର ପ୍ରତି ୭,୫୦୦ ଟଙ୍କା |
| (ଗ) | ଫସଲ ଧାରା ଆଧାରିତ | ହେକ୍ଟର ପ୍ରତି ୧୨,୫୦୦ ଟଙ୍କା |
| (ଘ) | ମରୁଡ଼ି / ବନ୍ୟା ସହଣୀ କିସମ | ହେକ୍ଟର ପ୍ରତି ୭,୫୦୦ ଟଙ୍କା |
| (ଙ) | ଶ୍ରୀ ପଦ୍ଧତି | ହେକ୍ଟର ପ୍ରତି ୬,୮୫୦ ଟଙ୍କା |
| ୨ | ଅଧିକ ଅମଳକ୍ଷମ ବିହନ ଉତ୍ପାଦନ | କ୍ୱିଣ୍ଟାଲ ପ୍ରତି ୧,୦୦୦ ଟଙ୍କା |
| ୩ | ବିହନ ଯୋଗାଣ | କ୍ୱିଣ୍ଟାଲ ପ୍ରତି ୧,୦୦୦ ଟଙ୍କା |
| ୪ | ଖାଦ୍ୟସାର ଓ ମୃତ୍ତିକା ପରିଚାଳନା | |
| (କ) | ଅଣୁସାର | ହେକ୍ଟର ପ୍ରତି ୫୦୦ ଟଙ୍କା |
| (ଖ) | ଜୈବସାର | ହେକ୍ଟର ପ୍ରତି ୩୦୦ ଟଙ୍କା |
| (ଗ) | ଜିପ୍‌ସମ୍ | ହେକ୍ଟର ପ୍ରତି ୭୫୦ ଟଙ୍କା |
| ୫ | ସମନ୍ୱିତ ରୋଗ ପୋକ ପରିଚାଳନା | |
| (କ) | କୀଟନାଶକ ଔଷଧ / ଜୈବ ନିୟନ୍ତ୍ରକ | ହେକ୍ଟର ପ୍ରତି ୫୦୦ ଟଙ୍କା |
| (ଖ) | ତୃଣନାଶକ | ହେକ୍ଟର ପ୍ରତି ୫୦୦ ଟଙ୍କା |
| ୬ | କୃଷି ଯନ୍ତ୍ରପାତି (ରୋଟାଭେଟର, ସିଡ୍ ଡ୍ରିଲ୍, ଧାନରୁଆ ଯନ୍ତ୍ର, ପମ୍ପସେଟ୍, ଯନ୍ତ୍ରଚାଳିତ ଉଇଡର, ଥ୍ରେସର୍ ଇତ୍ୟାଦି) | ଶତକଡ଼ା ୫୦ ଭାଗ ରିହାତି |
| ୭ | ଜଳସେଚନ | |
| (କ) | ଗୋଷ୍ଠୀ ଗଭୀର ନଳକୂପ | କ୍ଲଷ୍ଟର ପ୍ରତି ୧୨.୬୦ ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ସହାୟତା |
| (ଖ) | ଗୋଷ୍ଠୀ ଅଗଭୀର ନଳକୂପ | କ୍ଲଷ୍ଟର ପ୍ରତି ୧୭.୨୫ ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ସହାୟତା |
| (ଗ) | ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ | ପ୍ରକଳ୍ପ ପ୍ରତି ୧୨.୮୦ ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ସହାୟତା |
| ୮ | ଗୋଷ୍ଠୀ ଅମଳ ଖଳା | ଖଳା ପ୍ରତି ୭.୩୨ ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ସହାୟତା |
| ୯ | ଫସଲ ଧାରା ଆଧାରିତ କୃଷକ ତାଲିମ କାର୍ଯ୍ୟକ୍ରମ | ପ୍ରତି ତାଲିମ କାର୍ଯ୍ୟକ୍ରମ ପାଇଁ ୧୪,୦୦୦ ଟଙ୍କାର ସହାୟତା |

ବି.ଦ୍ର.: ଉପରୋକ୍ତ କୃଷି ସାମଗ୍ରୀ / ଯନ୍ତ୍ରପାତି ଗୁଡ଼ିକ ପାଇଁ ରାଜ୍ୟ କୃଷିନୀତି-୨୦୧୩ ଅନୁଯାୟୀ କୃଷକମାନଙ୍କୁ ଅତିରିକ୍ତ ରିହାତି ଯୋଗାଇ ଦିଆଯାଉଅଛି ।

## ଆଖୁ ବୈଷୟିକ ମିଶନ

ମିଶନ ଅନ୍ତର୍ଭୁକ୍ତ ରାଜ୍ୟର ୧୨ଗୋଟି ଜିଲ୍ଲା : ବଲାଙ୍ଗିର, କଟକ, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ଖୋର୍ଦ୍ଧା ଓ ବରଗଡ଼ ।

| କାର୍ଯ୍ୟକ୍ରମ | | ସହାୟତା |
|---|---|---|
| ରାଜ୍ୟ ଯୋଜନା | | |
| ୧ | ସୁସ୍ଥାୟୀ ଆଖୁଚାଷ ପାଇଁ ପ୍ରୟାସ | ହେକ୍ଟର ପ୍ରତି ୨୦,୦୦୦ ଟଙ୍କା |
| ୨ | ଆଖୁଚାରା ଉତ୍ପାଦନ | ଚାଷୀ ପ୍ରତି ୨,୮୫୦ ଟଙ୍କା |
| ୩ | ମୂଳି ଆଖୁ ପ୍ରଦର୍ଶନ କ୍ଷେତ୍ର | ହେକ୍ଟର ପ୍ରତି ୧୨,୫୦୦ ଟଙ୍କା |
| ୪ | ଆଖୁକଳ ବିହୀନ ଜିଲ୍ଲାରେ ବିହନ ପ୍ରତିବଦଳ | ମେଟ୍ରିକ ଟନ୍ ପ୍ରତି ୫,୦୦୦ ଟଙ୍କା |

# କେନ୍ଦ୍ରୀୟ ଅନୁଦାନ ଯୋଜନା

| ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ | | |
|---|---|---|
| ୧ | ବାର୍ଷିକ ୩ଲକ୍ଷ ୧୦ ହଜାର ମୃତ୍ତିକା ନମୂନା ପରୀକ୍ଷା | ମୃତ୍ତିକା ନମୂନା ପରୀକ୍ଷା ପ୍ରତି ମାତ୍ର ୫ ଟଙ୍କା ହାରରେ |

| ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ / ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା | | |
|---|---|---|
| ୧ | ମୃତ୍ତିକା ପରୀକ୍ଷାର ଫଳାଫଳ ଅନୁଯାୟୀ ମୃତ୍ତିକା ସୁଧାରକ ଏବଂ ଅଣୁସାର ପ୍ରୟୋଗ ନିମନ୍ତେ ସହାୟତା | ହେକ୍ଟର ପ୍ରତି ୨,୫୦୦ ଟଙ୍କା |

| ପରମ୍ପରାଗତ କୃଷି | | |
|---|---|---|
| ୧ | ସମଷ୍ଟିଗତ ଭାବେ ୫୦ ଏକର ଜମିରେ ପରମ୍ପରାଗତ କୃଷିର ବିକାଶ ନିମନ୍ତେ ସହାୟତା | ୟୁନିଟ୍ ପ୍ରତି ୭,୦୬,୦୦୦ ଟଙ୍କା |

## ଜାତୀୟ ତୈଳବୀଜ ଓ ତାଳତେଲ ମିଶନ

(ମିନି ମିଶନ-୧ : ତୈଳବୀଜ)

ମିଶନ ଅନ୍ତର୍ଭୁକ୍ତ : ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲା

| | କାର୍ଯ୍ୟକ୍ରମ | ସରକାରୀ ସହାୟତା |
|---|---|---|
| ୧ | ବିହନ ଯୋଗାଣ (ପ୍ରାମାଣିକ) | କ୍ୱିଣ୍ଟାଲ ପ୍ରତି ସର୍ବାଧିକ ୧,୨୦୦ ଟଙ୍କା |
| ୨ | ପୁଞ୍ଜକ୍ଷେତ୍ର ପ୍ରଦର୍ଶନ (ସର୍ବନିମ୍ନ ଏକ ପୁଞ୍ଜ ୫୦ ହେକ୍ଟର) | |
| (କ) | ସୋରିଷ | ହେକ୍ଟର ପ୍ରତି ୩,୦୦୦ ଟଙ୍କା |
| (ଖ) | ସୂର୍ଯ୍ୟମୁଖୀ | ହେକ୍ଟର ପ୍ରତି ୪,୦୦୦ ଟଙ୍କା |
| (ଗ) | ରାଶି | ହେକ୍ଟର ପ୍ରତି ୩,୦୦୦ ଟଙ୍କା |
| ୩ | ସମନ୍ୱିତ ରୋଗପୋକ ପରିଚାଳନା କ୍ଷେତ୍ର ପ୍ରଦର୍ଶନ | କ୍ଷେତ୍ର ପ୍ରତି ୨୬,୭୦୦ ଟଙ୍କା |
| ୪ | କୃଷକ ତାଲିମ | ତାଲିମ ପ୍ରତି ୨୪,୦୦୦ ଟଙ୍କା |
| ୫ | ଜିପ୍‌ସମ୍ ଯୋଗାଣ | ହେକ୍ଟର ପ୍ରତି ୫୦ଭାଗ ସର୍ବାଧିକ ୭୫୦ ଟଙ୍କା |
| ୬ | ଜୀବାଣୁ ସାର ଯୋଗାଣ | ହେକ୍ଟର ପ୍ରତି ୫୦ଭାଗ ସର୍ବାଧିକ ୩୦୦ ଟଙ୍କା |
| ୭ | ଫସଲ ସୁରକ୍ଷା କୀଟନାଶକ | ହେକ୍ଟର ପ୍ରତି ୫୦ଭାଗ ସର୍ବାଧିକ ୫୦୦ ଟଙ୍କା |
| ୮ | ଫସଲ ସୁରକ୍ଷା ସିଞ୍ଚନ ଯନ୍ତ୍ର | ଯନ୍ତ୍ର ପ୍ରତି ୪୦ଭାଗ ସର୍ବାଧିକ ୬୦୦ ଟଙ୍କା |
| ୯ | ଉନ୍ନତ କୃଷି ଯନ୍ତ୍ରପାତି (ହସ୍ତଚାଳିତ) | ଯନ୍ତ୍ର ପ୍ରତି ୫୦ଭାଗ ସର୍ବାଧିକ ୮,୦୦୦ ଟଙ୍କା |
| ୧୦ | ଫୁଆରା ସିଞ୍ଚନ ଯନ୍ତ୍ର | ଯନ୍ତ୍ର ପ୍ରତି ୫୦ଭାଗ ସର୍ବାଧିକ ୯,୮୦୦ ଟଙ୍କା |
| ୧୧ | ତୈଳବୀଜ ମିନିକିଟ୍ ଯୋଗାଣ (ପ୍ରତ୍ୟେକ ଚାଷୀ ଗୋଟିଏ ମିନିକିଟ୍) | ଚିନାବାଦାମ ୨୦ କି.ଗ୍ରା. |
| | | ସୋରିଷ ୨ କି.ଗ୍ରା. |
| | | ସୂର୍ଯ୍ୟମୁଖୀ ୨ କି.ଗ୍ରା. |

| ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା | | |
|---|---|---|
| ୧ | ନୂତନ କିସମ ସୋରିଷ ବିହନ ଚାଷ ପାଇଁ ପ୍ରୋତ୍ସାହନ | ହେକ୍ଟର ପ୍ରତି ୩,୦୦୦ ଟଙ୍କା |
| ୨ | ସଙ୍କର ଜାତୀୟ ସୂର୍ଯ୍ୟମୁଖୀ ବିହନ ଚାଷ ପାଇଁ ପ୍ରୋତ୍ସାହନ | ହେକ୍ଟର ପ୍ରତି ୫,୦୦୦ ଟଙ୍କା |

## ଧାନଚାଷ ନିମନ୍ତେ ରାଜ୍ୟ ଯୋଜନା

| | ଉନ୍ନତ ଚାଷ ପ୍ରଣାଳୀ ଅନ୍ତର୍ଗତ କାର୍ଯ୍ୟକ୍ରମ | ସରକାରୀ ସହାୟତା |
|---|---|---|
| ୧ | ଧାଡ଼ିବୁଣା ଓ ଧାଡ଼ିରୁଆ ଯୋଜନା | ଧାନ ଚାଷ ନିମନ୍ତେ ହେକ୍ଟର ପ୍ରତି ୧,୨୫୦ ଟଙ୍କାର ସହାୟତା |
| ୨ | ବିହନ ବିଶୋଧନ ଅଭିଯାନ | |
| (କ) | ଏକ ହେକ୍ଟର ଧାନ ଚାଷ ପାଇଁ | ୫୦ ଟଙ୍କାର ବିହନ ବିଶୋଧକ |
| (ଖ) | ଏକ ହେକ୍ଟର ଡାଲି ଜାତୀୟ ଫସଲ ଚାଷ ପାଇଁ | ୧୧୫ ଟଙ୍କାର ବିହନ ବିଶୋଧକ |
| (ଗ) | ଏକ ହେକ୍ଟର ତୈଳବୀଜ ଜାତୀୟ ଫସଲ ଚାଷ ପାଇଁ | ୨୨୫ ଟଙ୍କାର ବିହନ ବିଶୋଧକ |
| ୩ | ସଘନ ଧାନ ଚାଷ ପଦ୍ଧତି ('ଶ୍ରୀ' ପଦ୍ଧତି) | ଏକ ହେକ୍ଟର ଧାନ ଚାଷ ପାଇଁ ୫,୦୦୦ ଟଙ୍କାର ସହାୟତା |

## ଚଳିତ ୨୦୧୫ ବର୍ଷର ମରୁଡ଼ି ପରିସ୍ଥିତିର ମୁକାବିଲା ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସହାୟତା

- ମରୁଡ଼ି ଦ୍ୱାରା ୩୩% ଓ ତଦୁର୍ଦ୍ଧ୍ୱ ଫସଲ କ୍ଷତି ହୋଇଥିଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷିଭିତ୍ତିକ ସହାୟତା ବାବଦରେ ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା ଏବଂ ଜଳସେଚିତ ଜମି ପାଇଁ ୧୩,୫୦୦ ଟଙ୍କା ଅନୁଦାନ ଆକାରରେ ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଚାଷୀଙ୍କୁ ମଧ୍ୟ ଦୁଇ ହେକ୍ଟର ଚାଷ ଜମି ପର୍ଯ୍ୟନ୍ତ ସମାନ ହାରରେ ଏହି ଅନୁଦାନ ଯୋଗାଇ ଦିଆଯିବ । ଦୀର୍ଘମିଆଦୀ ଫସଲ କ୍ଷତି ନିମନ୍ତେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ହେକ୍ଟର ପିଛା ୧୮,୦୦୦ ଟଙ୍କାର ଅନୁଦାନ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି ।
- କ୍ଷତିଗ୍ରସ୍ତ ଅଞ୍ଚଳରେ ଓଡ଼ିଶା କୃଷି ଶିଳ୍ପ ନିଗମ ମାଧ୍ୟମରେ ୫୦ ପ୍ରତିଶତ ରିହାତିରେ ପମ୍ପସେଟ୍ ଯୋଗାଇ ଦିଆଯିବ । ଏହି ରିହାତିର ସର୍ବୋଚ୍ଚ ସୀମା ୧୫,୦୦୦ ଟଙ୍କା ମଧ୍ୟରେ ସୀମିତ ରହିବ ଓ ଅଣ ଜଳସେଚିତ ଅଞ୍ଚଳକୁ ଏଥି ନିମନ୍ତେ ପ୍ରାଧାନ୍ୟ ଦିଆଯିବ । ଏତଦ୍‌ବ୍ୟତୀତ କୃଷି ସେବା କେନ୍ଦ୍ରମାନଙ୍କରେ ଉପଲବ୍ଧ ପମ୍ପସେଟ୍‌ର ତାଲିକା ଚାଷୀଭାଇମାନଙ୍କ ଉଦ୍ଦେଶ୍ୟରେ ବିଜ୍ଞାପିତ କରାଯିବ । ଏହି ପମ୍ପସେଟ୍‌କୁ ଭଡ଼ା ସୂତ୍ରରେ ନେଇ ଚାଷୀଭାଇମାନେ ନିଜ ନିଜର ଫସଲକୁ ମରୁଡ଼ି କବଳରୁ ରକ୍ଷା କରିପାରିବେ ।
- ରବି ଋତୁରେ ଚାଷ କରିବା ନିମନ୍ତେ ରାଜ୍ୟର ମରୁଡ଼ିଗ୍ରସ୍ତ ଅଞ୍ଚଳର ଚାଷୀମାନଙ୍କୁ ୪ ଲକ୍ଷ ଡାଲି ଜାତୀୟ ବିହନ ମିନିକିଟ୍ ଓ ୧ ଲକ୍ଷ ତୈଳବୀଜ ମିନିକିଟ୍ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।
- କୃଷି ବିଭାଗ ମାଧ୍ୟମରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଚଳିତ ରବି ଋତୁରେ ହାଇବ୍ରିଡ୍ ସୂର୍ଯ୍ୟମୁଖୀ ଏବଂ ସୋରିଷ ଚାଷ ପାଇଁ ଆର୍ଥିକ ପ୍ରୋତ୍ସାହନ ରହିଛି । ଏକ ହେକ୍ଟର ସୂର୍ଯ୍ୟମୁଖୀ ଚାଷ ପାଇଁ ୪୦୦୦ ଟଙ୍କା ଏବଂ ସୋରିଷ ଚାଷ ପାଇଁ ୩,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି । ଆଗ୍ରହୀ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି କାର୍ଯ୍ୟାଳୟରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । ସେହିପରି ଜଳନିଧି ଯୋଜନା ମାଧ୍ୟମରେ କୂପ ଖନନ ପାଇଁ ଶତକଡ଼ା ୭୫ ଭାଗ (ସର୍ବାଧିକ ୭୫,୦୦୦ ଟଙ୍କା) ରିହାତିର ବ୍ୟବସ୍ଥା ରହିଛି ଏବଂ ଗଭୀର ନଳକୂପ ଖନନ ପାଇଁ ଶତକଡ଼ା ୭୫ ଭାଗ (ସର୍ବାଧିକ ୫୦,୦୦୦ ଟଙ୍କା) ରିହାତିର ବ୍ୟବସ୍ଥା ରହିଛି । ଚାଷୀମାନେ ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଛି ।

**ଅଧିକ ବିବରଣୀ ପାଇଁ ନିକଟସ୍ଥ ବ୍ଲକ / ଜିଲ୍ଲାସ୍ଥିତ କୃଷି କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।**

କୃଷି ସୂଚନା କେନ୍ଦ୍ର, ଭୁବନେଶ୍ୱର, ନଭେମ୍ବର-୨୦୧୫ - ୧,୦୦୦